# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 March - 2025

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ନୂଆ ରାସନକାର୍ଡ ପଞ୍ଜୀକରଣ ଆଜିଠାରୁ ଆରମ୍ଭ; ପୂର୍ବରୁ ବାଦ୍ ପଡିଥିବା ହିତାଧିକାରୀମାନେ ମଧ୍ୟ କରିପାରିବେ ଆବେଦନ

- କୋରାପୁଟ ଜିଲ୍ଲାର କୋଲାବ ଜଳଭଣ୍ଡାରରେ କ୍ରୁଜ୍ ଜାହାଜ ଚଳାଇବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯିବେ

- ଚଳିତ ମାସକୁ ଅଲିଭ୍ ରିଡ୍ଲେ କଇଁଛ ଓ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ସଚେତନତା ମାସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି

ଏବଂ

- ବିଗତ ୧୨୪ ବର୍ଷ ମଧ୍ୟରେ ଚଳିତବର୍ଷ ଫେବୃୟାରୀ ମାସ ଥିଲା ସବୁଠୁ ଉତ୍ତପ୍ତ ମାସ

## ରାସନ କାର୍ଡ଼ - ପଞ୍ଜୀକରଣ

ରାଜ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ନୂଆ ରାସନ କାର୍ଡ ପଞ୍ଜୀକରଣ ଆଜିଠାରୁ ଆରମ୍ଭ ହୋଇଛି । ଅନ୍‌ଲାଇନ୍ ଯୋଗେ ହିତାଧିକାରୀମାନେ ନାମ ପଞ୍ଜୀକରଣ କରିପାରିବେ। ଗଣମାଧ୍ୟମକୁ ସୂଚନା ଦେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଚାଲିବ । ପୂର୍ବରୁ ବାଦ୍ ପଡ଼ିଥିବା ନୂଆ ହିତାଧିକାରୀମାନେ ରାସନ କାର୍ଡ ପାଇଁ ମଧ୍ୟ ଆବେଦନ କରିପାରିବେ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ରାସନ କାର୍ଡ ଯାଞ୍ଚ ପ୍ରକ୍ରିୟାରେ ୪ ଲକ୍ଷ ଅଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି।

## କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ଦୁଇଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯିବେ। ଚମ୍ପୁଆ, ରାଇକଳାଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତ ପ୍ରକାଶ ପାଇଛି।

## ସୁଭଦ୍ରା ଯୋଜନା

ଚଳିତମାସ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସରେ ରାଜ୍ୟ ସରକାର ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିବା ସହିତ ପ୍ରଥମ କିସ୍ତି ଟଙ୍କା ପାଇବାରୁ ବାଦ୍ ପଡିଥିବା ୨ ଲକ୍ଷ ମହିଳାଙ୍କୁ ଆର୍ଥିକ ସହାୟତା ଦିଆଯିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୂଚନା ଅନୁସାରେ, ବାଦ୍ ପଡିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଏକସଙ୍ଗେ ଦୁଇଟିଯାକ କିସ୍ତିର ଅର୍ଥରାଶି ପ୍ରଦାନ କରାଯିବ। ବ୍ରହ୍ମପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ଏକସଙ୍ଗେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ କରିବେ ।

## ପାରିଶ୍ରମିକ ବୃଦ୍ଧି

ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ କାର୍ଯ୍ୟରତ ପାଚିକା ତଥା ସହାୟିକାମାନଙ୍କ ମାସିକ ପାରିତୋଷିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏହି ବର୍ଦ୍ଧିତ ପାରିତୋଷିକ ଲାଗୁ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟର ରାଜ୍ୟ ଭାଗରୁ ଏହି ବର୍ଦ୍ଧିତ ଅର୍ଥ ପ୍ରଦାନ କରାଯିବ ।

### କୋରାପୁଟ-କ୍ଷୁଜ ଜାହାଜ

କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ କୋରାପୁଟ ଜିଲ୍ଲାର କୋଲାବ ଜଳଭଣ୍ଡାରରେ ଅତ୍ୟାଧୁନିକ କ୍ରୁଜ ଜାହାଜ ଚଳାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ  ଏହି ସ୍ଥାନରେ ଏକ ଆଦିବାସୀ ଜନଜାତି ସଂଗ୍ରହାଳୟ ନିର୍ମାଣ ପାଇଁ ମଧ୍ୟ ଯୋଜନା ରହିଛି।

ସେହିପରି ମାଲକାନଗିରି ଜିଲ୍ଲାର ସତିଗୁଡା ଏବଂ ପଣ୍ଡିଗ୍ରାମ କୋଲାବ ଅଞ୍ଚଳରେ କଫି ଆଧାରିତ ପର୍ଯ୍ୟଟନ ବିକାଶ କରାଯିବ। ପ୍ରାକୃତିକ ଉତ୍ସ, ଝରଣା ଗୁଡିକ ପାଇଁ ସରକାର ୩୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

## ମାଟ୍ରିକ୍ ପ୍ରଶ୍ନପତ୍ର ତ୍ରୁଟି

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍  ପରୀକ୍ଷା ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ନେଇ ବୋର୍ଡ ସଭାପତି  ଶ୍ରୀକାନ୍ତ ତରାଇ କହିଛନ୍ତି। ବିଜ୍ଞାନ ସି-ସେଟ୍‌ରେ ୪ ମାର୍କ କମ୍ ଥିବା ନେଇ ଆଜି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରଶ୍ନପତ୍ର ତ୍ରୁଟିରେ କୌଣସି ପିଲା କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀ ତରାଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

**-V/O-**

ମୂଲ୍ୟାୟନ କମିଟି ଏ ସମ୍ପର୍କରେ ବିଚାର କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ।

## କଇଁଚ ଅଣ୍ଡାଦାନ

ରାଜ୍ୟ ବନବିଭାଗ ପକ୍ଷରୁ ପ୍ରଥମଥର ପାଇଁ ଚଳିତ ମାସକୁ ଅଲିଭ୍ ରିଡ୍‌ଲେ କଇଁଛ ଓ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ସଚେତନତା ମାସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବ୍ରହ୍ମପୁର, ଚିଲିକା, ପୁରୀ, ରାଜନଗର, ଭଦ୍ରକ ଏବଂ ବାଲେଶ୍ୱର ଉପକୂଳ ଅଞ୍ଚଳରେ ସଚେତନତା ସପ୍ତାହ ପାଳନ କରାଯିବ। ସ୍ଥାନୀୟ ଲୋକଙ୍କ ସହିତ ମତ୍ସ୍ୟଜୀବୀ, ଛାତ୍ରଛାତ୍ରୀ, ଗବେଷକ, ବୈଜ୍ଞାନିକ ଏବଂ ସ୍ୱେଚ୍ଛାସେବୀମାନେ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଜୈବବିବିଧତାର ସୁରକ୍ଷା ପାଇଁ  ସଚେତନତା ବାର୍ତ୍ତା ଦେବେ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲ୍ଲା ରୁଷିକୁଲ୍ୟା ନଦୀ ମୁହାଁଣରେ ଅଲିଭ୍ ରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ ୬ ଲକ୍ଷ ୯୮ ହଜାର ୭୧୮ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ସର୍ବକାଳୀନ ରେକର୍ଡ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୨-୨୩ ମସିହାରେ ୬ ଲକ୍ଷ ୩୭ ହଜାର କଇଁଛ ସମୂହ ଅଣ୍ଡାଦାନ କରିଥିବାବେଳେ ୨୦୨୩-୨୪ ମସିହାରେ ୧୫ ଶହ ଅଲିଭ୍ ରିଡ୍‌ଲେ କଇଁଛ ବିକ୍ଷିପ୍ତ ଅଣ୍ଡାଦାନ କରିଥିଲେ।

## ବିକଶିତ ଗାଁ-ବିକଶିତ ଓଡ଼ିଶା

**ଭଦ୍ରକ** ଜିଲ୍ଲା ବାସୁଦେବପୁର ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ ଯୋଗଦେଇ ପଞ୍ଚାୟତର ବିକାଶ, ଭିତ୍ତିଭୂମି, କ୍ରୀଡା, ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା, ଗ୍ରାମସଭା ଓ ପଲ୍ଲୀସଭା ଜରିଆରେ ବିକଶିତ ଗାଁ ଗଠନ କରାଯାଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି।

## ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ

ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ଦୃତ ଗତିରେ ଅଗ୍ରଗତି କରୁଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସ୍ନାତକ ଉତ୍ସବରେ ମୁଖ୍ୟ ଅତିଥି ଯୋଗ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଭବିଷ୍ୟତରେ ରାଜ୍ୟକୁ ସ୍ୱାସ୍ଥ୍ୟ ହବ୍ ଭାବେ ପରିଣତ ପାଇଁ ଏହି ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଅବସରରେ ମନ୍ତ୍ରୀ ନୂତନ ଭାବେ ଯୋଗ ଦେଇଥିବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବୀମା ସଂସ୍କାର

ରାଜ୍ୟରେ ବୀମା ସଂସ୍କାରକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଖାରବେଳ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ  ବୀମା ସମ୍ପର୍କିତ ପ୍ରଚଳିତ ପ୍ରକ୍ରିୟାଗୁଡ଼ିକର ସଂସ୍କାର,

ନିୟାମକ ନମନୀୟତା ବୃଦ୍ଧି ଏବଂ ଦାବିର ସୁଗମତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୀମା କମ୍ପାନୀଗୁଡ଼ିକୁ ସମାନ କାର୍ଯ୍ୟକାରିତା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ୫୯ ପ୍ରତିଶତ ଯାନବାହାନ ବୀମା ଭୁକ୍ତ ହୋଇ ନାହିଁ ବୋଲି ବୈଠକରୁ ଜଣାପଡିଛି । ପଞ୍ଜୀକୃତ ୧ କୋଟି ୩ ଲକ୍ଷ ଯାନ ମଧ୍ୟରୁ ୬୧ ଲକ୍ଷ ୫୭ ହଜାରରୁ ଅଧିକ ଯାନ ବୀମା କଭରେଜ୍‌ରୁ ବଞ୍ଚିତ ଅଛନ୍ତି । ଏଥିପାଇଁ ସଚେତନତା ଏବଂ କାର୍ଯ୍ୟଉନ୍ନୟନର ଆବଶ୍ୟକତା ରହିଛି ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

## ସୁରେଶ ପନ୍ତ

ସୁରେଶ ପନ୍ତ ନୂତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପିସିସିଏଫ୍ ଭାବେ ନିଯୁକ୍ତ ହୋଇଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀଯୁକ୍ତ ପନ୍ତ ୧୯୯୦ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଫିସର ।

## ହକି

ହରିୟାଣାର ପଞ୍ଚକୁଲାଠାରେ ଜାତୀୟ ସିନିୟର ମହିଳା ହକି ଚାମ୍ପିଅନସିପ୍ ଆଜିଠାରୁ ଆରମ୍ଭ ହେଉଛି । ଚାମ୍ପିଅନସିପ୍‌ରେ ୨୮ଟି ଦଳ ଭାଗ ନେଇଛନ୍ତି । ଗ୍ରୁପ୍-ଏ'ରେ ହକି ହରିୟାଣା, ହକି ଆସୋସିଏସନ୍ ଅଫ୍ ଓଡ଼ିଶା, ହକି କର୍ଣ୍ଣାଟକ ରହିଥିବାବେଳେ ଗ୍ରୁପ୍-ବି'ରେ ହକି ମହାରାଷ୍ଟ୍ର, ମଣିପୁର ହକି, ହକି ପଞ୍ଜାବ ରହିଛନ୍ତି । ଚାମ୍ପିଅନସିପ୍‌ର ସେମି ଫାଇନାଲ୍ ମାର୍ଚ୍ଚ ୯ ଓ ୧୦ ତାରିଖରେ ଖେଳାଯିବ । ଆସନ୍ତା ୧୨ ତାରିଖରେ ତୃତୀୟ ସ୍ଥାନ ଓ ଫାଇନାଲ୍ ପାଇଁ ମ୍ୟାଚ୍ ଖେଳାଯିବ ।

# କଇଁଚ ଅଣ୍ଡାଦାନ

ରାଜ୍ୟ ବନବିଭାଗ ପକ୍ଷରୁ ପ୍ରଥମଥର ପାଇଁ ଚଳିତ ମାସକୁ ଅଲିଭ୍ ରିଡ୍‌ଲେ କଇଁଛ ଓ ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀ ସଚେତନତା ମାସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବ୍ରହ୍ମପୁର, ଚିଲିକା, ପୁରୀ, ରାଜନଗର, ଭଦ୍ରକ ଏବଂ ବାଲେଶ୍ୱର ଉପକୂଳ ଅଞ୍ଚଳରେ ସଚେତନତା ସପ୍ତାହ ପାଳନ କରାଯିବ। ସ୍ଥାନୀୟ ଲୋକଙ୍କ ସହିତ ମତ୍ସ୍ୟଜୀବୀ, ଛାତ୍ରଛାତ୍ରୀ, ଗବେଷକ, ବୈଜ୍ଞାନିକ ଏବଂ ସ୍ୱେଚ୍ଛାସେବୀମାନେ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଜୈବବିବିଧତାର ସୁରକ୍ଷା ପାଇଁ  ସଚେତନତା ବାର୍ତ୍ତା ଦେବେ। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲ୍ଲା ରୁଷିକୁଲ୍ୟା ନଦୀ ମୁହାଁଣରେ ଅଲିଭ୍ ରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ ୬ ଲକ୍ଷ ୯୮ ହଜାର ୭୧୮ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ସର୍ବକାଳୀନ ରେକର୍ଡ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୨୨-୨୩ ମସିହାରେ ୬ ଲକ୍ଷ ୩୭ ହଜାର କଇଁଛ ସମୂହ ଅଣ୍ଡାଦାନ କରିଥିବାବେଳେ ୨୦୨୩-୨୪ ମସିହାରେ ୧୫ ଶହ ଅଲିଭ୍ ରିଡ୍‌ଲେ କଇଁଛ ବିକ୍ଷିପ୍ତ ଅଣ୍ଡାଦାନ କରିଥିଲେ।

*****************************